# NATIONAL NEWS BULLETIN (ODIA)
## 30 July - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ସମାଜର ଗରିବ ତଥା ଅବହେଳିତ ଲୋକଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଅଧିକ ଯତ୍ନବାନ ହେବା ଲାଗି ଡାକ୍ତରମାନଙ୍କୁ ରାଷ୍ଟ୍ରପତିଙ୍କ ପରାମର୍ଶ ।
- ନୂତନ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକ ସମାବେଶୀ ଓ ସମୟୋପଯୋଗୀ କରାଯାଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ରକ୍ତ ଏବଂ ଜଳ ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ଅପରେସନ୍ ସିନ୍ଦୂର ପ୍ରମାଣ କରିଛି, ରାଜ୍ୟସଭାରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ମଣିପୁରରେ ରାଷ୍ଟ୍ରପତି ଶାସନ ଅବଧିକୁ ଆଉ ୬ ମାସ ବୃଦ୍ଧି କରିବା ସମ୍ପର୍କିତ ପ୍ରସ୍ତାବ ଲୋକସଭାରେ ପାରିତ ।

ଏବଂ

- ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର ଆଜି ଇସ୍ରୋ ପକ୍ଷରୁ ହେଲା ସଫଳ ଉତ୍କ୍ଷେପଣ ।

## ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଶ୍ଚିମବଙ୍ଗର ନଦିଆ ଜିଲ୍ଲା ଅନ୍ତର୍ଗତ କଲ୍ୟାଣୀ ସ୍ଥିତ ଏମସ୍‌ର ସମାବର୍ତ୍ତନ ଉତ୍ସବରେ ଦିକ୍ଷ୍ୟାନ୍ତ ଭାଷଣ ପ୍ରଦାନ କରିଛନ୍ତି । କଲ୍ୟାଣୀ ଏମସ୍‌ରୁ ଉତ୍ତୀର୍ଣ୍ଣ ସଫଳ ଡାକ୍ତରମାନେ ଗରିବ ତଥା ଅବହେଳିତ ଲୋକଙ୍କର ସ୍ୱାସ୍ଥ୍ୟସେବା ପ୍ରତି ଅଧିକ ଯତ୍ନବାନ ହେବା ଉପରେ ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି –

**V/O-DRAUPADI-MURMU**

ରାଷ୍ଟ୍ରପତି ଆଜିଠାରୁ ତିନି ଦିନିଆ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଗସ୍ତରେ ଯାଇଛନ୍ତି । ଶ୍ରୀମତୀ ମୁର୍ମୁ ଝାଡ଼ଖଣ୍ଡ ଦେଓଘର ସ୍ଥିତ ଏମସ୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପରେ ରାଷ୍ଟ୍ରପତି ଧାନବାଦ ଆଇ.ଆଇ.ଟି. – ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସ୍‌ର ୪୫ତମ ସମାବର୍ତ୍ତନ ସମାରୋହରେ ମଧ୍ୟ ଯୋଗଦେବେ ।

## ପିଏମ୍ ପ୍ରଧାନ ଆର୍ଟିକାଲ୍

ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ମାଧ୍ୟମରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ କେନ୍ଦ୍ର

ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କର ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ୨୦୨୪ର ଉଚ୍ଚ ପ୍ରଶଂସା କରିଛନ୍ତି ।

ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚ ବର୍ଷ ପୂର୍ତ୍ତି ଅବସରରେ ଗତକାଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି, ଏହି ନୂତନ ଶିକ୍ଷାନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ସମାବେଶୀ, ସମୟୋପଯୋଗୀ ତଥା ଗବେଷଣା ଭିତ୍ତିକ ଶିକ୍ଷାରେ ପରିଣତ କରିପାରିଛି । ଗତ ୫ ବର୍ଷର ପ୍ରଭାବ ଦେଶ ବ୍ୟାପି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଆର୍‌ଏସ୍‌-ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ସେନାର ସଫଳତାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭୂୟସୀ ପ୍ରଶଂସା କରିଛନ୍ତି । ଆଜି ରାଜ୍ୟସଭାରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ଅପରେସନ୍ ସିନ୍ଦୂରର ସଫଳତା ଉପରେ ଚାଲିଥିବା ଆଲୋଚନାରେ ଭାଗ ନେଇ ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନର ବାହାବଲପୁର ଓ ମୁରିଦକେ ଭଳି ବଡ଼ ବଡ଼ ଆତଙ୍କୀ ଆଡ୍ଡା ଗୁଡ଼ିକ ଏହି ଅପରେସନ ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ

ହୋଇଛି । ପାକିସ୍ତାନର ବିଭିନ୍ନ ସାମରିକ ଘାଟି କ୍ଷତିଗ୍ରସ୍ତ ହେବା ତଥା ଆତଙ୍କବାଦୀମାନଙ୍କର ଶବଗୁଡ଼ିକର ଭିଡ଼ିଓ ଏହାର ଜ୍ୱଳନ୍ତ ପ୍ରମାଣ । ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପରେ ସେଠାରେ ସ୍ୱାଭାବିକ ଅବସ୍ଥା ଫେରିବା ଆସିବା ସହିତ ଏହା ସମୃଦ୍ଧିପଥରେ ଅଗ୍ରସର ହେଉଛି । ଏହାକୁ ଦୃଷ୍ଟିରେ ରଖି ଜାମ୍ମୁ କାଶ୍ମୀରରେ ଅର୍ଥ ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରିବା' ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି, ଏହି ଅପରେସନକୁ ବନ୍ଦ କରିବା ଲାଗି ଭାରତ ସମସ୍ତ ପ୍ରକାର ମଧ୍ୟସ୍ଥି ପ୍ରକ୍ରିୟାକୁ ଅଗ୍ରାହ୍ୟ କରିଛି । ଚଳିତ ବର୍ଷ ଏପ୍ରିଲ୍ ୨୨ ତାରିଖରୁ ଜୁନ୍ ୧୬ ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନ୍ ଯୋଗେ କୌଣସି ବାର୍ତ୍ତାଳାପ ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଯଦି ପାକିସ୍ତାନ ଆକ୍ରମଣ କରେ ତେବେ ଏହାର ପାଲଟା ଜବାବ ଏକ ବଡ଼ ଧରଣର ପ୍ରତି-ଆକ୍ରମଣ ମାଧ୍ୟମରେ ଦିଆଯିବ ବୋଲି ଆମେରିକାର ଉପରାଷ୍ଟ୍ରପତିଙ୍କ ସହିତ କଥାବାର୍ତ୍ତା ସମୟରେ ଭାରତ ନିଜର ପକ୍ଷକୁ ସ୍ପଷ୍ଟ କରିଥିଲା ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ପାକିସ୍ତାନ ନିସର୍ତ୍ତ ଭାବରେ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତି ନିଜର ସମର୍ଥନ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତିନାମାକୁ ରଦ୍ଦ କରିବା ଲାଗି ପ୍ରଥମେ ନିଷ୍ପତ୍ତି

ନିଆଯାଇଥିଲା । ୧୯୪୭ ମସିହାରୁ ଭାରତ ସୀମାପାର ଆତଙ୍କବାଦୀ ସମସ୍ୟାର ସମ୍ମୁଖୀନ ହୋଇଆସୁଛି । ତେବେ ଗତ ଏକ ଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅନେକ ବିଶ୍ୱସ୍ତରୀୟ ମଞ୍ଚରେ ଆତଙ୍କବାଦ ପ୍ରସଙ୍ଗକୁ ସ୍ଥାନିତ କରିବାରେ ଭାରତ ସଫଳ ହୋଇଛି । ଏଥିସହିତ ରକ୍ତ ଏବଂ ଜଳ ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତ ପ୍ରମାଣ କରିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଏହି ଆଲୋଚନାରେ ଅଂଶଗ୍ରହଣ କରି ଗୃହର ନେତା ଜେ.ପି. ନଡ୍ଡା ପହଲଗାମ୍ ଆତଙ୍କବାଦ ଆକ୍ରମଣକୁ ନିନ୍ଦା କରିଥିଲେ । ସେ କହିଥିଲେ, ଏହି ଆକ୍ରମଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତୁରନ୍ତ ସେହି ଦିନ ଶ୍ରୀନଗର ଗସ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନିଜର ସାଉଦିଆରବ ଗସ୍ତକୁ କାଣ୍ଟଛାଣ୍ଟ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ସ୍ପର୍ଶକାତର ଘଟଣା ପ୍ରତି ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ପ୍ରମାଣିତ ହୁଏ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ସେ କହିଛନ୍ତି, ୟୁପିଏ ସରକାରଙ୍କ ଅମଳରେ ପଡ଼ୋଶୀ ରାଷ୍ଟ୍ର ସହିତ ବାଣିଜ୍ୟ ସମେତ ଆତଙ୍କବାଦୀ ଘଟଣାମାନ ମଧ୍ୟ ସ୍ଥାନ ପାଉଥିଲା । ମାତ୍ର ଏନ୍.ଡି.ଏ. ସରକାରଙ୍କ ସମୟରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ ହସ୍ତରେ ଦମନ କରାଯାଇଛି ।

**V/O-JP-NADDA**

ଏହି ଆଲୋଚନାରେ ଡି.ଏମ୍.କେ., ଟି.ଏମ୍.ସି., ବି.ଜେ.ଡ଼ି., ଆର୍.ଜେ.ଡି., ପି.ଡି.ପି. ଓ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ସାଂସଦମାନେ ଅଂଶଗ୍ରହଣ କରି ନିଜ ନିଜର ସୁ-ଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି ।

## ଏଲ୍‌ଏସ୍-ମଣିପୁର

ମଣିପୁରରେ ରାଷ୍ଟ୍ରପତି ଶାସନ ଅବଧିକୁ ଆସନ୍ତାମାସ ୧୩ ତାରିଖ ଠାରୁ ଆଉ ୬ ମାସ ବୃଦ୍ଧି କରିବା ସମ୍ପର୍କିତ ଏକ ପ୍ରସ୍ତାବକୁ ଆଜି ଲୋକସଭାରେ ମଞ୍ଜୁରୀ ମିଳିଛି । ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ପ୍ରସ୍ତାବ ଆଗତ କରି କହିଥିଲେ ଯେ ମଣିପୁରରେ ଚଳିତ ବର୍ଷ ଫେବୃୟାରୀ ୧୩ ତାରିଖ ଦିନ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । ବର୍ତ୍ତମାନର ସ୍ଥିତିକୁ ଦେଖି ଏହାର ଅବଧିକୁ ଆଉ ୬ ମାସ ବୃଦ୍ଧି କରିବା ଲାଗି ସେ ଗୃହକୁ ନିବେଦନ କରିଥିଲେ ।

ଏହି ପ୍ରସ୍ତାବ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ଶ୍ରୀ ରାୟ କହିଛନ୍ତି, ରାଜ୍ୟରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ରାଷ୍ଟ୍ରପତି ଶାସନ ଅବଧିକୁ ବୃଦ୍ଧି କରିବା ଆବଶ୍ୟକ । ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହେବା ଦିନଠାରୁ କେବଳ ଗୋଟିଏ ସ୍ଥାନରେ ହିଂସା

ଦେଖାଦେଇଥିଲା ଏବଂ ଏହି ଘଟଣାରେ ଜଣଙ୍କର ପ୍ରାଣହାନୀ ହୋଇଥିଲା ବୋଲି ସେ କହିଛନ୍ତି । ଶ୍ରୀ ରାୟ କହିଛନ୍ତି, ଗତ ୪ ମାସ ମଧ୍ୟରେ ରାଜ୍ୟରେ ଆଉ କୌଣସି ଅଘଟଣ ଘଟିନାହିଁ କିମ୍ବା କାହାରୀ ପ୍ରାଣହାନୀ ହୋଇନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତର ପୂର୍ବାଞ୍ଚଳର ବିକାଶ ଲାଗି ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ୭୮ରୁ ଅଧିକ ଥର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଗସ୍ତ କରିଛନ୍ତି । ୟୁ.ପି.ଏ. ଶାସନ ଅବଧି ତୁଳନାରେ ଏନ୍.ଡି.ଏ. ସରକାରଙ୍କ ସମୟରେ ହିଂସାତ୍ମକ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ମଣିପୁରରେ ଆଲୋଚନା ମାଧ୍ୟମରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ଶ୍ରୀ ରାୟ କହିଛନ୍ତି । ଏହି ଆଲୋଚନାରେ କଂଗ୍ରେସ, ସମାଜବାଦୀ ପାର୍ଟି ଓ ଟି.ଡି.ପି.ର ସାଂସଦମାନେ ମଧ୍ୟ ଭାଗ ନେଇଥିଲେ । ଏହି ଆଲୋଚନା ପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଇସ୍ରୋ-ନିଶାର

ଭାରତୀୟ ମହାକାଶ ଗବେଷଣା ସଂଗଠନ - ଇସ୍ରୋ ପକ୍ଷରୁ ଆଜି ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର

ଉତ୍କ୍ଷେପଣ କରାଯାଇଛି । ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଜି ପୂର୍ବ ନିର୍ଦ୍ଧାରିତ ସମୟରେ ଜି.ଏସ୍.ଏଲ୍.ଭି. ଏଫ୍-୧୬ ରକେଟ୍ ମାଧ୍ୟମରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯାଇଛି । ଏଥିପାଇଁ ଗତକାଲି ଅପରାହ୍ଣ ୨ଟା ୧୦ ମିନିଟ୍‌ରୁ ଅବଗଣନା ଆରମ୍ଭ ହୋଇଥିଲା । ପ୍ରତି ୧୨ ଦିନରେ ସମଗ୍ର ପୃଥିବୀକୁ ତର୍ଜମା କରିବା ଏହି ମିଶନ୍‌ର ଲକ୍ଷ୍ୟ । ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କିତ ଫଟୋ ଚିତ୍ର ଏହି ସାଟେଲାଇଟ୍ ପ୍ରଦାନ କରିବ ବୋଲି ଜଣାପଡ଼ିଛି । ପ୍ରାକୃତିକ ବିପର୍ଯ୍ୟୟ, ପରିବେଶଗତ ଅବକ୍ଷୟ, ଭୂକମ୍ପ ଭଳି ଗତିଶୀଳ ପ୍ରକ୍ରିୟାଗୁଡ଼ିକୁ ଏହି ସାଟେଲାଇଟ୍ ନିରୀକ୍ଷଣ କରିବା ସହ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବ । ଏହି ସଫଳ ଉତ୍କ୍ଷେପଣ ଦ୍ୱାରା ଭାରତ ମହାକାଶ କ୍ଷେତ୍ରରେ ଏକ ଇତିହାସ ରଚିଛି ବୋଲି କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ମତବ୍ୟକ୍ତ କରିବା ସହିତ ଏଥିରେ ସମ୍ପୃକ୍ତ ବୈଜ୍ଞାନିକ ଓ ସମସ୍ତ ପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।  ଏହି ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସମର୍ଥନ  ତଥା ସହଯୋଗ ଲାଗି ଇସ୍ରୋର ମୁଖ୍ୟ ଭି. ନାରାୟଣନ୍ କୃତଜ୍ଞତା ଜଣାଇଛନ୍ତି ।

# ଏଲ୍‌ଏସ୍- ଏଫ୍‌ଏମ୍ ଷ୍ଟେସନ୍

ଦେଶରେ ବର୍ତ୍ତମାନ ୫୮୫ଟି ଆକାଶବାଣୀ ଏଫ୍.ଏମ୍. ଷ୍ଟେସନ୍ ଓ ୩୮୮ ଘରୋଇ ଏଫ୍.ଏମ୍. ରେଡିଓ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତବର୍ଷ ଅଗଷ୍ଟ ମାସରେ ୨୩୪ ନୂତନ ସହରରେ ସରକାର ୭୩୦ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଇ-ଅକ୍‌ସନ୍ ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି । ସେଥିମଧ୍ୟରୁ ଜାମ୍ମୁ କାଶ୍ମୀରରେ ତିନୋଟି ଚ୍ୟାନେଲ୍ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ମୁରୁଗାନ୍ କହିଛନ୍ତି ।